بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୮ ନଭେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁଁ ତବୁକ୍ ଯୁଦ୍ଧର ଅତିରିକ୍ତ ଘଟଣାବଳୀ ଆଲୋଚନା କରିବି । ଗତ ଖୁତ୍‌ବାରେ ଏକଥା ବର୍ଣ୍ଣନା କରିଥିଲି ଯେ, କପଟବିଶ୍ୱାସୀମାନେ ଏହି ଯୁଦ୍ଧକୁ ଯିବା ପାଇଁ ମନା କରିବା ସହିତ ବିଭିନ୍ନ ପ୍ରକାର ବାହାନା ମଧ୍ୟ କରିଥିଲେ । ଆଉ ଯୁଦ୍ଧ କ୍ଷେତ୍ରରୁ ମୁସଲମାନମାନେ ମଦିନା ପ୍ରତ୍ୟାବର୍ତ୍ତନ କରିବା ପରେ ମଧ୍ୟ ସେମାନେ ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ବିଭିନ୍ନ ବାହାନା କରିଥିଲେ । ଏପରି ପବିତ୍ର କୁରଆନରେ ମଧ୍ୟ ଏହି ଘଟଣାର ବର୍ଣ୍ଣନା ମିଳୁଅଛି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ଏହି ସୁନ୍ନତ (ଅନୁସୃତ ପନ୍ଥା) ଥିଲା, ଯେ ଯେତେବେଳେ ମହାଭାଗ କୌଣସି ଯାତ୍ରାରୁ (ମଦିନା) ଫେରୁଥିଲେ ସେତେବେଳେ ସର୍ବପ୍ରଥମେ ମସଜିଦ୍‌କୁ ଯାଇ ଦୁଇ ରେକାତ୍ ନମାଜ ପାଠ କରୁଥିଲେ । ତେବେ ସେହି ଅବସରରେ ନଓ୍ୱାଫିଲ୍ ପାଠ କରିବା ପରେ ହୁଜୁର[ସ.ଅ] ମସଜିଦ୍‌ରେ ହିଁ ବିରାଜିତ ହେଲେ ଏବଂ ମହାଭାଗଙ୍କୁ ସାକ୍ଷାତ କରିବା ପାଇଁ ଲୋକମାନଙ୍କର ସୁଅ ଛୁଟିଲା । ଏହିପରି ଯେଉଁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଦୁର୍ବଳ ରହିଥିଲା ତଥା ଯାହାଙ୍କ ଅନ୍ତରର କପଟତା ଯୋଗୁଁ ସେମାନେ ଏହି ଯୁଦ୍ଧରେ ହୁଜୁର[ସ.ଅ]ଙ୍କ ସାଥିରେ ସାମିଲ ହୋଇ ନଥିଲେ । ସେମାନେ ମଧ୍ୟ ଆସି ପହଞ୍ଚି ଗଲେ, ଜୀବନୀ ଲେଖାଳୀମାନେ ଉଲ୍ଲେଖ କରିଛନ୍ତି, ଏମାନଙ୍କ ସଂଖ୍ୟା ପାଖାପାଖି ୮୦ ଥିଲା । କିନ୍ତୁ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ଉକ୍ତ ସଂଖ୍ୟା ୮୦ରୁ ଉର୍ଦ୍ଧ୍ୱ ଥିଲା । ତେବେ ହୁଜୁର[ସ.ଅ] ସେମାନଙ୍କ ମନଗଢ଼ା ବାହାନା ଗ୍ରହଣ କରିନେଲେ ଓ ସେମାନଙ୍କ ଠାରୁ ବୈଅତ୍ ନେଇ ସେମାନଙ୍କ ପାଇଁ କ୍ଷମାଯାଚନା ପୂର୍ବକ ଅଲ୍ଲାଃଙ୍କ ଶରଣରେ ପ୍ରାର୍ଥନା କଲେ । ଆଉ ସେମାନଙ୍କ ଅଭ୍ୟନ୍ତର ଅବସ୍ଥା ଅଲ୍ଲାଃଙ୍କ ଉପରେ ଛାଡ଼ିଦେଲେ ।

କିନ୍ତୁ ସେହି କପଟବିଶ୍ୱାସୀମାନଙ୍କର ଅପରାଧ କ୍ଷମା ଯୋଗ୍ୟ ନଥିଲା । ଏଥିସକାଶେ ଅଲ୍ଲାଃତାଲା ସେମାନଙ୍କ ସଂକ୍ରାନ୍ତରେ ନବୀଶ୍ରେଷ୍ଠଙ୍କୁ ଓ୍ୱହି କରି ଦେଇଥିଲେ ଯେ, ଏମାନେ ଏପରି ଅପବିତ୍ର ଲୋକ ଯାହାଙ୍କ ଉପରେ ଅଲ୍ଲାଃ ରାଜି ହେବେ ନାହିଁ । ସୁତରାଂ ସେମାନଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ସୁରଃ ତୌବାରେ ଦର୍ଶାଇ ଦେଲେ । ଅର୍ଥାତ୍ ତବୁକ୍ ଯୁଦ୍ଧରେ ସାମିଲ ହୋଇ ନଥିବା ଲୋକମାନଙ୍କ ଉପରେ ଭୀଷଣ କ୍ରୋଧର ପରିପ୍ରକାଶ କରିଥିଲେ ଓ ସେମାନଙ୍କୁ ଫାସିକ୍ (ବିଧର୍ମୀ) ଘୋଷିତ କଲେ । ଆଉ ପୁଣ୍ୟଶ୍ଲୋକଙ୍କୁ ସେମାନଙ୍କ ନମାଜ ଜନାଯାଃ ପାଠ କରିବା ଓ ତାଙ୍କ ସମାଧି ସ୍ଥଳେ ଦୁଆ କରିବାକୁ ବାରଣ କରିଦେଲେ ଏବଂ ଏହି ପ୍ରତିବନ୍ଧ ମଧ୍ୟ ଲଗାଇଦେଲେ ଯେ **ଆସନ୍ତାରେ ଏମାନେ କୌଣସି ଆହ୍ୱାନରେ ତୁମ ସହିତ ସାମିଲ ହେବେ ନାହିଁ, ଆଉ ନା କୌଣସି ଅଭିଯାନରେ ମୁସଲମାନମାନଙ୍କ ସହିତ ବାହାରିବେ ।**

ମହାମହିମ ହୁଜୁର ଅନୱରେ[ଅ.ବ] କହିଲେ; ତବୁକ୍ ଯୁଦ୍ଧରେ ପଛରେ ରହିଯାଇଥିବା ଲୋକମାନେ ଚାରି କିସମର ଥିଲେ । ପ୍ରଥମତଃ ସେହି ସୌଭାଗ୍ୟଶାଳୀ ବ୍ୟକ୍ତି ଯିଏକି ହୁଜୁର[ସ.ଅ]ଙ୍କ ଆଦେଶକ୍ରମେ କୌଣସି କର୍ତ୍ତବ୍ୟ ସମ୍ପାଦନ କରିବା ସକାଶେ ମଦିନାରେ ରହିଯାଇଥିଲେ- ଯେପରିକି ହଜରତ ଅଲୀ[ର.ଅ], ଇବ୍‌ନେ ଉମ୍ମେ ମକ୍ତୁମ୍[ର.ଅ] ଓ ହଜରତ ମୁହମ୍ମଦ ବିନ୍ ମୁସେଲ୍‌ମାଃ[ର.ଅ] ଇତ୍ୟାଦି । ଦ୍ୱିତୀୟ କିସମ ସେହି ଲୋକମାନଙ୍କର ଥିଲା, ଯେଉଁମାନେ ବ୍ୟାଧିଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁର୍ବଳ ଥିଲେ ଅଥବା ବହୁତ ଅସହାୟ, ଅଭାବଗ୍ରସ୍ତ ଓ ଗରିବ ଶ୍ରେଣୀର ଲୋକ ଥିଲେ । ଯାହାଙ୍କ ନିକଟରେ ବାହନ କ୍ରୟ କରିବା ପାଇଁ ମଧ୍ୟ ସାମର୍ଥ୍ୟ ନଥିଲା । ସେମାନଙ୍କ ସମ୍ପର୍କରେ ହଜରତ ମୁହମ୍ମଦ[ସ.ଅ] କହିଲେ; **ଏମାନେ ପ୍ରତ୍ୟେକ ସ୍ଥାନରେ ଆମ ସହିତ ରହିଥିଲେ ।** ତୃତୀୟ କିସମ ସେହି କପଟବିଶ୍ୱାସୀମାନଙ୍କର ଥିଲା, ଯାହାଙ୍କ ଆଚରଣକୁ ଘୋର ନିନ୍ଦା କରାଯାଇଛି । ଆଉ ପବିତ୍ର କୁରଆନ ସଦାସର୍ବଦା ପାଇଁ ତାଙ୍କ ଉପରେ ଅଭିଶାପ ଓ କଠୋର ଦଣ୍ଡ ବିଧାନ ତଥା ଚେତାବନୀ ସ୍ୱରୂପ ଆଦେଶ ଅବତୀର୍ଣ୍ଣ ହୋଇଛି । ଚତୁର୍ଥ କିସମ ସେହି ଲୋକମାନଙ୍କର ଥିଲା, ଯେଉଁମାନେ କେବଳ ଅବହେଳା ବଶତଃ (ଯୁଦ୍ଧରେ) ସାମିଲ ହୋଇପାରି ନଥିଲେ, ବରଂ ପଛରେ ଅର୍ଥାତ୍ ମଦିନାରେ ରହିଯାଇଥିଲେ । ସେମାନେ ମୋଟ ତିନିଜଣ ସାହାବି ଥିଲେ, ଯିଏକି ଆଲୋଚନା ଯୋଗ୍ୟ । ସେମାନେ ହେଲେ ହଜରତ କାବ୍ ବିନ୍ ମାଲିକ୍[ର.ଅ], ହଜରତ ମୁରାରଃ ବିନ୍ ରବି[ର.ଅ] ଓ ହଜରତ ହିଲାଲ୍ ବିନ୍ ଉମୈୟା[ର.ଅ] ।

ଏହି ତିନିଜଣ ସାହାବାଙ୍କ ସଂକ୍ରାନ୍ତରେ ପବିତ୍ର କୁରଆନରେ ଆୟତ ଅବତୀର୍ଣ୍ଣ ହେଲା । ପ୍ରିୟ ହୁଜୁର ଅନୱରେ[ଅ.ବ] କହିଲେ; ଅଲସ୍ ସଲାସତିଲ୍ ଲଜିନା ଖୁଲ୍ଲିଫୁ ଅର୍ଥାତ୍ ସେହି ତିନିଜଣ ଯେଉଁମାନେ ପଛରେ ରହିଯାଇଥିଲେ ସେମାନଙ୍କର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ସହି ବୁଖାରୀର ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ କାବ୍ ବିନ୍ ମାଲିକ୍[ର.ଅ] ସ୍ୱୟଂ ସେହି ସମ୍ପୂର୍ଣ୍ଣ ଘଟଣାଟି ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି; ପୁଣ୍ୟଶ୍ଳୋକ ତବୁକ୍ ଅଭିମୁଖେ ଯାତ୍ରା କରିବାର ପ୍ରସ୍ତୁତି ଆରମ୍ଭ କଲେ ଓ ଆପଣଙ୍କ ସହିତ ମୁସଲମାନମାନେ ମଧ୍ୟ (ରଣକ୍ଷେତ୍ରକୁ ଯିବାର) ପ୍ରସ୍ତୁତି ଆରମ୍ଭ କରିଦେଲେ । ମୁଁ ମଧ୍ୟ ରଣକ୍ଷେତ୍ରକୁ ଯିବାର ଦୃଢ଼ ନିଶ୍ଚୟ କରିନେଲି, କିନ୍ତୁ ଅଳସୁଆମି ଯୋଗୁଁ ଯାତ୍ରାର ପ୍ରସ୍ତୁତି କରିପାରିଲି ନାହିଁ ଓ ଏହି ଛକାପଞ୍ଜାରେ ନିପତିତ ରହିଲି । ଏପରିକି ଏକଦା ପ୍ରଭାତରେ ହୁଜୁର[ସ.ଅ] (ତବୁକ୍ ଅଭିମୁଖେ) ପ୍ରସ୍ଥାନ କରିଗଲେ । ଆଉ ମୁଁ ସେପର୍ଯ୍ୟନ୍ତ ସୁଦ୍ଧା ଯାତ୍ରା ପ୍ରସ୍ତୁତିର କିଛିହେଲେ (କାର୍ଯ୍ୟ) ମଧ୍ୟ ସମାପ୍ତ କରିପାରି ନଥିଲି । ମୁଁ ଭାବିଲି ହୁଜୁର[ସ.ଅ] ଯିବାର ଦିନେ ଦୁଇ ଦିନ ମଧ୍ୟରେ ମୁଁ ମଦିନାରୁ ବାହାରି ଯିବି ଓ ତୀବ୍ର ବେଗରେ ଯାଇ ହୁଜୁର[ସ.ଅ]ଙ୍କ ସହିତ ସମ୍ମିଳିତ ହୋଇଯିବି । ମୋର ଏହି ଅବସ୍ଥା ରହିଥିଲା, ସେପଟେ ମୁସଲମାନ ସେନା ବହୁତ ଦୂରତା ଅତିକ୍ରମ କରିଗଲେ । ମଦିନାରୁ ହୁଜୁର[ସ.ଅ]ଙ୍କ ଯିବା ପରେ ଯେତେବେଳେ ବି ମୁଁ ପଦାକୁ ବାହାରୁ ଥିଲି ସେତେବେଳେ ମୁଁ ଦୁଃଖରେ ପତିତ ହୋଇ ପଡୁଥିଲି । କାରଣ ସେହି ସ୍ଥାନ (ଅର୍ଥାତ୍ ମଦିନା)ରେ କେବଳ ଏପରି ଲୋକ ରହିଯାଇଥିଲେ, ଯାହାଙ୍କ ଠାରେ କପଟତା ଥିଲା ଅବା ଯାହାଙ୍କୁ ଅଲ୍ଲାଃତାଲା ଅକ୍ଷମ ଅବା ବାଧିରେ ଆକ୍ରାନ୍ତ କରି ଦେଇଥିଲେ । ହଜରତ କାବ୍ ବିନ୍ ମାଲିକ୍[ର.ଅ] କୁହନ୍ତି; ପୁନଶ୍ଚ ଯେତେବେଳେ ମୋତେ ଏହି ସୂଚନା ମିଳିଲା ଯେ ପୁଣ୍ୟଶ୍ଳୋକ ମଦିନା ପ୍ରତ୍ୟାବର୍ତ୍ତନ କରୁଛନ୍ତି, ସେତେବେଳେ ମୋତେ ଏହି ଚିନ୍ତା ଘାରିଲା ଓ ମୁଁ ମିଥ୍ୟା ଆଳ କରିବାକୁ ଲାଗିଲି, ଯେ କାଲି କିପରି ମୁଁ ହୁଜୁର[ସ.ଅ]ଙ୍କ କୋପରୁ ବର୍ତ୍ତି ପାରିବି ।

ଯେତେବେଳେ ମୋତେ କୁହାଗଲା ଯେ ପବିତ୍ର ଅବତାର ମଦିନାରେ ଆସି ପହଞ୍ଚି ଗଲେଣି ସେତେବେଳେ ମୋ ହୃଦୟରୁ ସେ ସମସ୍ତ ଶୈତାନୀ ଚିନ୍ତାଧାରା ଉଭାନ ହୋଇଗଲା । ଆଉ ମୁଁ ବୁଝିନେଲି ଯେ ମୁଁ କଦାପି ମହାଭାଗଙ୍କ କ୍ରୋଧରୁ ବର୍ତ୍ତି ପାରିବି ନାହିଁ, ଯହିଁରେ ମିଛ ମିଶ୍ରିତ ହୋଇଥିବ । ତେଣୁକରି

ମୁଁ ମହାଭାଗଙ୍କୁ ସବୁ ସତ କଥା କହିବାର ସଙ୍କଳ୍ପ କରିନେଲି । ଯେତେବେଳେ ହୁଜୁର[ସ.ଅ] (ମସଜିଦ୍‌ରେ ବିରାଜମାନ ଥିଲେ) ସେତେବେଳେ ମଦିନାରେ ରହି ଯାଇଥିବା ଲୋକମାନେ ମହାଭାଗଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଯୁଦ୍ଧରେ ସାମିଲ ନହେବାର ବାହାନା କରିବାକୁ ଲାଗିଲେ ଓ ରାଣ ଖାଇବାକୁ ଲାଗିଲେ । ଏପରି ଲୋକମାନେ ୮୦ରୁ ଊର୍ଦ୍ଧ୍ୱ ଥିଲେ । କିନ୍ତୁ ହୁଜୁର[ସ.ଅ] ସେମାନଙ୍କ ପ୍ରକାଶ୍ୟ ବାହାନାକୁ ଗ୍ରହଣ କରିନେଲେ ଓ ସେମାନଙ୍କ ଠାରୁ ବୈଅତ୍ ନେଲେ । ତା'ପରେ ମୁଁ ମହାଭାଗଙ୍କ ସେବାରେ ଉପସ୍ଥିତ ହେଲି, ଯେତେବେଳେ ମୁଁ ହୁଜୁର[ସ.ଅ]ଙ୍କୁ ସଲାମ କଲି ସେତେବେଳେ ହୁଜୁର ମୋତେ ଦେଖି କ୍ରୋଧିତ ବ୍ୟକ୍ତି ପରି ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ମୋତେ ପଚାରିଲେ, କେଉଁ କାରଣରୁ ତୁମେ ପଛରେ ରହିଗଲ ? କ'ଣ ତୁମେ ବାହନ ଖରିଦ୍ କରି ନଥିଲ ? ମୁଁ ଉତ୍ତର ଦେଲି; ଆଜ୍ଞା ହଁ, ବାହାନ ତ ମୁଁ କିଣି ନେଇଥିଲି । କିନ୍ତୁ ଅଲ୍ଲାଃଙ୍କ ରାଣ ! ମୁଁ ଏପରି ବ୍ୟକ୍ତି ଯଦି ଆପଣଙ୍କ ବ୍ୟତୀତ ଏବେ ସଂସାରର ଅନ୍ୟ କୌଣସି ବ୍ୟକ୍ତି ନିକଟରେ ବସିଥାନ୍ତି ତେବେ ମୁଁ ଚିନ୍ତା କରୁଛି, ଯେ ମୁଁ ନିଶ୍ଚିତ ରୂପେ ତାହାର କ୍ରୋଧରୁ ବର୍ତ୍ତି ଯିବାର ବାହାନା କରି ନେଇଥା'ନ୍ତି । କାରଣ ମୋତେ କଥା କହିବାରେ ନିପୁଣତା ହାସଲ ଅଛି । କିନ୍ତୁ ଅଲ୍ଲାଃଙ୍କ ରାଣ ! ମୁଁ ଏକଥା ଭଲ ଭାବରେ ହୃଦୟଙ୍ଗମ କରୁଅଛି, ଯେ ଯଦି ଆଜି ମୁଁ ଆପଣଙ୍କ ସମକ୍ଷ କୌଣସି ମିଥ୍ୟା ବଚନ କୁହେ, ଯାହା ଫଳରେ ଆପଣ ମୋ କଥାରେ ରାଜି ହୋଇଯାନ୍ତି ତେବେ ଖୁବ୍ ଶୀଘ୍ର ପରାକ୍ରମୀ ଅଲ୍ଲାଃତାଲା ଆପଣଙ୍କୁ ମୋ ଉପରେ ନାରାଜ କରିଦେବେ । ଆଉ ଯଦି ମୁଁ ଆପଣଙ୍କୁ ସତ କଥା କୁହେ, ଯାହା ଫଳରେ ଆପଣ ମୋ ଉପରେ ଉତ୍ୟକ୍ତ ହେବେ ତେବେ ସେଥିରେ ମୁଁ ଅଲ୍ଲାଃଙ୍କ ନିକଟରୁ ଦୟା ଓ କ୍ଷମା ଆଚରଣର ଆଶାବାଦୀ ଅଟେ ।

ସେ ଆହୁରି କହିଲେ; ଅଲ୍ଲାଃଙ୍କ ରାଣ ! ମୋର ମହାଭାଗଙ୍କ ନିକଟରେ କୌଣସି ବାହାନା କରିବାର ନାହିଁ । ଅଲ୍ଲାଃଙ୍କ ରାଣ ! ମୁଁ ସେହି (ଯୁଦ୍ଧ) ପୂର୍ବରୁ କଦାପି ସେପରି ସବଳ, ସୁସ୍ଥ ଓ ସ୍ୱଚ୍ଛଳ (ଅବସ୍ଥା)ରେ ନଥିଲି ଯେପରିକି ସେତେବେଳେ ଥିଲି, ଯେତେବେଳେ କି ମୁଁ ପଛରେ ରହିଗଲି । ଏକଥା ଶୁଣି ମହାଭାଗ କହିଲେ; ତୁମେ ତ ସତ କଥା କହିଦେଲ, ଏବେ ଉଠ ଓ ଏଠାରୁ ଚାଲିଯାଅ, ଏପର୍ଯ୍ୟନ୍ତ କି ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତୁମ ପ୍ରସଙ୍ଗରେ କୌଣସି ନିଷ୍ପତ୍ତି କରି ନଦେଇଛନ୍ତି । ମୋ ବ୍ୟତୀତ ମୁରାରଃ ବିନ୍ ରବି[ର.ଅ] ଓ ହଜରତ ହିଲାଲ୍ ବିନ୍ ଉମୈୟା[ର.ଅ] ମଧ୍ୟ ସେହି ସମାନ କଥା କହିଲେ ଓ ତାଙ୍କୁ ହୁଜୁର[ସ.ଅ] ସେହି ଉତ୍ତର ଦେଲେ ଯାହାକି ମୋତେ ଦେଇଥିଲେ । ହଜରତ କାବ୍ କୁହନ୍ତି; ଏହି ଅବଧିରେ ଗସ୍‌ସାନ ସମ୍ରାଟଙ୍କର ଏକ ପତ୍ର ମୋତେ ମିଳିଲା, ଯହିଁରେ ଏହା ଉଲ୍ଲେଖ ଥିଲା ଯେ ମୋତେ ଏହି ଖବର ମିଳିଛି ଯେ ତୁମ ସାଥୀ (ନେତା) ତୁମ ପ୍ରତି କଠୋର ଆଚରଣ କରିଛନ୍ତି ଓ ତୁମକୁ ବାଛନ୍ଦ କରି ଦେଇଛନ୍ତି । ତୁମକୁ ତ ଈଶ୍ୱର ଏପରି (ତୁଚ୍ଛ) ଘରେ ଜନ୍ମ ଦେଇ ନାହାନ୍ତି, ଯେ ତୁମେ ଏପରି ତିରସ୍କାର ସହ୍ୟ କରିବ ଓ ନିଜକୁ ନାଶ କରିଦେବ । ତୁମେ ଆସି ଆମକୁ ସାକ୍ଷାତ କର, ଆମେ ତୁମର ମାନମର୍ଯ୍ୟାଦା କରିବୁ । ଯେତେବେଳେ ମୁଁ ଏହି ପତ୍ର ପାଠ କଲି ସେତେବେଳେ ଭାବିଲି ଏହା ମୋ ପାଇଁ ଆଉ ଏକ ପରୀକ୍ଷା । ତେଣୁ ମୁଁ ସେହି ପତ୍ରକୁ ନେଇ ଏକ ଭାଟି ନିକଟକୁ ଗଲି ଓ ତହିଁରେ ତାହାକୁ ଫିଙ୍ଗି ଦେଲି । ଯେତେବେଳେ ୫୦ରାତି ମଧ୍ୟରୁ ୪୦ରାତି ଅତିବାହିତ ହୋଇଗଲା ସେତେବେଳେ କ'ଣ ଦେଖିଲି ଯେ ମହାଭାଗଙ୍କ ସନ୍ଦେଶବାହକ ମୋ ନିକଟକୁ ଆସୁଛନ୍ତି, ସେ ଆସି କହିଲେ; ହୁଜୁର[ସ.ଅ] ନିର୍ଦ୍ଦେଶ ଦେଇଛନ୍ତି ତୁମେ ନିଜ ପତ୍ନୀଙ୍କ ଠାରୁ ଅଲଗା ହୋଇଯାଅ । ମୁଁ ତାଙ୍କୁ ପଚାରିଲି କ'ଣ ମୁଁ ତାକୁ ତଲାକ୍ (ଛାଡ଼ପତ୍ର) ଦେବି ନା କ'ଣ କରିବି ? ସେ ଉତ୍ତର ଦେଲେ, ବାସ୍ ତାଙ୍କ ଠାରୁ ବିରତ ହୋଇଯାଅ ଅର୍ଥାତ୍ ତାଙ୍କ ନିକଟକୁ ଯିବ ନାହିଁ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମୋର ଅନ୍ୟ ଦୁଇଜଣ ସାଥୀମାନଙ୍କୁ ମଧ୍ୟ ସେହି ସମାନ ଆଦେଶ ଦେଇଥିଲେ ।

ଯେତେବେଳେ ୫୦ରାତି ଦିନ ହୁଜୁର ପାହାନ୍ତା (ଫଜର୍)ର ନମାଜ ପାଠ କରାଇ ନେଲେ ଓ ସେତେବେଳେ ମୁଁ ନିଜ ଘର ଛାତ ଉପରେ ଏପରି ଅବସ୍ଥାରେ ବସିଥିଲି, ଯାହାର ଅଲ୍ଲାଃତାଲା ପବିତ୍ର କୁରଆନରେ ବାଣୀ ଅବତୀର୍ଣ୍ଣ କଲେ ଅର୍ଥାତ୍ ମୋ ପାଇଁ ମୋର ଜୀବନ ଭାରାକ୍ରାନ୍ତ ହୋଇଯାଇଥିଲା ଓ ଭୂ-ପୃଷ୍ଟର ବ୍ୟାପକତା ସତ୍ତ୍ୱେ ତାହା ମୋ ପାଇଁ ସଂକୀର୍ଣ୍ଣ ହୋଇଯାଇଥିଲା । ଏପରି ଅବସ୍ଥାରେ ମୁଁ ଜଣେ ଅହ୍ୱାନକାରୀଙ୍କ ସ୍ୱର ଶୁଣିଲି, ଯେ ହେ କାବ୍ ବିନ୍ ମାଲିକ୍ ! ତୁମ ପାଇଁ ଶୁଭ ସମ୍ବାଦ । ଏକଥା ଶୁଣି ମୁଁ ସଜ୍‌ଦାରେ ପଡିଗଲି ଓ ଜାଣିନେଲି ଯେ ମୋ ଉପରୁ ବିପତ୍ତିର କଳା ବାଦଲ ଦୂରେଇ ଯାଇଛି । ମହାଭାଗଙ୍କର ଏହି ଘୋଷଣା ଶୁଣିବା ପରେ ସମସ୍ତେ ଆମକୁ ଶୁଭେଚ୍ଛା ଜଣାଇଲେ । ହଜରତ କାବ୍ ବିନ୍ ମାଲିକ୍ କୁହନ୍ତି; ଯେତେବେଳେ ମୁଁ ମସଜିଦ୍‌ରେ ପହଞ୍ଚିଲି ଓ ହୁଜୁର[ସ.ଅ]ଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲି ସେତେବେଳେ ହୁଜୁର[ସ.ଅ]ଙ୍କ ଚେହେରା ଆନନ୍ଦରେ ପୁଲକିତ ହୋଇ ଉଠୁଥିଲା । ନବୀଶ୍ରେଷ୍ଠ ମୋତେ କହିଲେ; ତୁମର କଲ୍ୟାଣ ହେଉ ! ଆଜିର ଅତି ଶୁଭଙ୍କର ଦିନ ପ୍ରତି ଯେବେ ଠାରୁ ତୁମ ମାତା ତୁମକୁ ଜନ୍ମ ଦେଇଛନ୍ତି । ମୁଁ ପ୍ରଶ୍ନ କଲି ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! କ'ଣ ଏହି ସୁସମାଚାର ଆପଣଙ୍କ ନିକଟରୁ, ନା ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ ଆନତ । ହୁଜୁର[ସ.ଅ] ଉତ୍ତର ଦେଲେ, ନା ଏହା ଅଲ୍ଲାଃତାଲାଙ୍କ ତରଫରୁ ଅଟେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥି ସଂକ୍ରାନ୍ତରେ ହଜରତ ମୁସଲେହ୍ ମଉଦ[ର.ଅ]ଙ୍କର ବର୍ଣ୍ଣନା ମଧ୍ୟ ରହିଛି, ଯାହାକି ଇନ୍‌ଶାଅଲ୍ଲାଃ ମୁଁ ଆସନ୍ତା ଖୁତ୍‌ବାରେ ଆଲୋଚନା କରିବି । ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ହାଫିଜ୍ ମୁହମ୍ମଦ ଅବ୍ରାହମ୍ ଆବିଦ୍ ସାହେବ ମୁରବୀ ସିଲ୍‌ସିଲା, ଶ୍ରୀମାନ ଶେକ୍ ଅବୁବକର୍ ଜାରିଜ୍ ସାହେବ ମୌଲିମ୍ ସିଲ୍‌ସିଲା ଲାଇବେରିଆ ତଥା ଶ୍ରୀମତୀ ସମିନା ଭନୁ ସାହେବା ପତ୍ନୀ ଶ୍ରୀମାନ ଡ଼ାଃ ଫଜଲ୍ ମେହମୁଦ୍ ଭନୁ ସାହେବ ଲାଇବେରିଆ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ଆଉ ସେମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

28th November 2025

*Translated to Odia by :* Moulavi Anwar Ahmad Khan